OFFICE OF THE
COLLECTOR & D.M, KENDRAPADA
(REVENUE SECTION)

ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ; କେନ୍ଦ୍ରାପଡା
(ରାଜସ୍ୱ ଉପ-ବିଭାଗ)
EMAIL ID: dycolrev.kendrapara@gov.in

ପତ୍ରସଂଖ୍ୟା ୧୪୩୭ /ରାଜସ୍ୱ ତାରିଖ ୨୮/୦୪/୨୬ //

ପ୍ରାପ୍ତେଷୁ,

ଉପଜିଲ୍ଲାପାଳ, କେନ୍ଦ୍ରାପଡା/
କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ତହସିଲଦାର/
କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନଅଧିକାରୀ

ବିଷୟ:- ଓଡିଆ ଉଚ୍ଚାରଣ ଅନୁଯାୟୀ ଓଡିଶାର ଜିଲ୍ଲା,ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ ଗୁଡିକର ଇଂରାଜୀ ବନାନରେ ସଂଶୋଧନ ସମ୍ପର୍କରେ ।

ମହାଶୟା/ମହାଶୟ,

ଉପରୋକ୍ତବିଷୟ ସମ୍ବନ୍ଧୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା, ବିଭାଗ, ଓଡିଶା, ଭୁବନେଶ୍ୱରଙ୍କ ପତ୍ର ନଂ RDM. DRC. Policy -0003-2025. ୧୭୨୯୦/ ରା.ଓ ବି.ପ ତାରିଖ ୨୨.୦୪.୨୬ ସନ୍ଦର୍ଭରେ ମୁଁ ଆପଣଙ୍କୁ ଜଣାଇବାକୁ ଚାହେଁ ଯେ, ଉକ୍ତ ପତ୍ରରେ ଉପରୋକ୍ତ ପ୍ରସଙ୍ଗରେ ଓଡିଶା ସରକାରଙ୍କ ଗଠିତ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ ହୋଇଥିବା କେନ୍ଦ୍ରାପଡା ଜିଲ୍ଲାର ପ୍ରସ୍ତାବ ଗୁଡିକୁ ଏଥିସହ ପରିଶିଷ୍ଟ-"କ" ରେ ସଂଲଗ୍ନ କରାଯାଇଅଛି ।

ଏହି ସୁପାରିଶ ପ୍ରସ୍ତାବ ଗୁଡିକ ଅଧିକ ବ୍ୟାପକ ଓ ତୃଣମୂଳ ସ୍ତରରେ ଜନମତ ସଂଗ୍ରହ କରି ଓ ଜନସାଧାରଣଙ୍କ ଅବଗତି ଓ ମତାମତ ପାଇଁ ସାର୍ବଜନୀନ ଭାବେ ସୂଚିତ କରି ଏକମାସ ମଧରେ ଜଣାଇବାକୁ ସରକାରଙ୍କ ଦ୍ୱାରା ନିର୍ଦ୍ଦେଶ ପ୍ରଦାନ କରାଯାଇଅଛି ।

ଏଣୁ ଆପଣଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣଙ୍କ ପରିଧି ଅଧୀନରେ ଆସୁଥିବା ସମସ୍ତ ସହରାଞ୍ଚଳ ଓ ଗ୍ରାମ ପଞ୍ଚାୟତ ସ୍ତରରେ ପ୍ରସ୍ତାବ ଗୁଡିକ ଉପରେ ମତାମତ /ପରାମର୍ଶ ସଂଗ୍ରହ କରି ଏହି ପତ୍ର ନିର୍ଗମନର ୧୫ (ପନ୍ଦର) ଦିନ ମଧରେ ନିମ୍ନ ଲିଖିତ ଅଧିକାରୀଙ୍କୁ ଅବଗତ କରାଇବେ ।

ଏହାକୁ ଅତ୍ୟନ୍ତ ଜରୁରୀ ଭାବେ ବିଚାର କରିବେ ।

ଆପଣଙ୍କ ବିଶ୍ୱସ୍ତ ,

ସଂଲଗ୍ନକ:-ଉପରୋକ୍ତ ମତେ

ରଘୁରାମ
୨୮/୪/୨୬
ଜିଲ୍ଲାପାଳ, କେନ୍ଦ୍ରାପଡ଼ା

ଜ୍ଞାପକ ସଂଖ୍ୟା ୧୫୩୪/ରାଜସ୍ୱ / ତାରିଖ ୨୮.୦୪.୨୨//

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ,କେନ୍ଦ୍ରାପଡାଙ୍କ ଅବଗତି ଓ ବିହିତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସୁପାରିସକୁ ଜନସାଧାରଣଙ୍କ ଅବଗତି ଓ ମତାମତ ପାଇଁ ସାର୍ବଜନୀନ କରିବାକୁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ **District e-Governance Manager (DeGM)**, କେନ୍ଦ୍ରାପଡାଙ୍କ ଅବଗତି ଓ କେନ୍ଦ୍ରାପଡା ଜିଲ୍ଲା ପୋର୍ଟାଲରେ ଅପଲୋଡ କରିବାପାଇଁ ଅନୁରୋଧ କରାଗଲା ।

ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)
କେନ୍ଦ୍ରାପଡ଼ା

ଡ. ଅରବିନ୍ଦ କୁମାର ପାଢ଼ୀ
Dr. Arabinda Kumar Padhee, IAS
Additional Chief Secretary

Revenue and Disaster Management Department
Government of Odisha
Loka Seva Bhavan, Bhubaneswar-751001
Tel: + 91 674 2539023
Email: revsec.od@od.gov.in

**ପତ୍ର ସଂଖ୍ୟା. RDM-DRC-POLICY-0003-2025- 17290 / ରା. ଓ ବି.ପ., ତାରିଖ: ୨୨. ୦୪. ୨୦୨୬**

**ପ୍ରାପ୍ତେଷୁ**

ସମସ୍ତ ଜିଲ୍ଲାପାଳ

**ବିଷୟ: ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଓଡ଼ିଶାର ଜିଲ୍ଲା, ଜିଲ୍ଲା ସଦର ମହକୁମା, ଉପଖଣ୍ଡ, ତହସିଲ ଏବଂ ବ୍ଲକ୍‌ଗୁଡ଼ିକର ଇଂରାଜୀ ବନାନରେ ସଂଶୋଧନ, ସମ୍ପର୍କରେ**

ମହାଶୟା/ମହାଶୟ,

ରାଜ୍ୟର ବିଭିନ୍ନ ସ୍ଥାନର ଅପଭ୍ରଂଶ ଇଂରାଜୀ ବନାନକୁ ସଂଶୋଧନ କରି ସରକାର ଗ୍ରହଣ କରିଥିବା ପଦକ୍ଷେପ ପ୍ରତି ଆପଣଙ୍କର ଦୃଷ୍ଟି ଆକର୍ଷଣ ପୂର୍ବକ, ମୁଁ ଜଣାଇବାକୁ ଚାହେଁ ଯେ, ଏହି ପ୍ରସଙ୍ଗରେ ପୂର୍ବରୁ ପ୍ରକାଶିତ ସାର୍ବଜନୀନ ସୂଚନା ଏବଂ ଜିଲ୍ଲାପାଳ, ମାନ୍ୟବର ଜନପ୍ରତିନିଧି ଓ ସାଧାରଣ ଜନତାଙ୍କ ଠାରୁ ପ୍ରାପ୍ତ ପ୍ରସ୍ତାବଗୁଡ଼ିକୁ ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ଡ. ପ୍ରତିଭା ରାୟଙ୍କ ଅଧକ୍ଷତାରେ ଗଠିତ କମିଟି ଦ୍ୱାରା ସମୀକ୍ଷା କରାଯାଇ ସୁପାରିଶ ହୋଇଥିବା ପ୍ରସ୍ତାବଗୁଡିକୁ ଆପଣଙ୍କ ଅବଗତି ନିମନ୍ତେ ପରିଶିଷ୍ଟ-'କ' ରେ ସଂଲଗ୍ନ କରାଯାଉଅଛି ।

ଏହି ପ୍ରକ୍ରିୟାକୁ ଅଧିକ ବ୍ୟାପକ ଓ ତୃଣମୂଳ ସ୍ତରରୁ ଜନମତ ସଂଗ୍ରହ କରିବା ନିମନ୍ତେ ସରକାର ପ୍ରତିବଦ୍ଧ ଅଛନ୍ତି ଏବଂ କମିଟି ଦ୍ୱାରା ସୁପାରିଶ କରାଯାଇଥିବା ପ୍ରସ୍ତାବଗୁଡ଼ିକ ଉପରେ ଜନସାଧାରଣଙ୍କ ଅବଗତି ଓ ମତାମତ ପାଇଁ ସାର୍ବଜନୀନ ଭାବେ ସୂଚିତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ତେଣୁ, ଆପଣଙ୍କୁ ଅନୁରୋଧ କରାଯାଉଅଛି ଯେ, ଆପଣଙ୍କ ଜିଲ୍ଲାର ସମସ୍ତ ସହରାଞ୍ଚଳ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ଉପରୋକ୍ତ ପ୍ରସ୍ତାବଗୁଡ଼ିକ ଉପରେ ମତାମତ/ପରାମର୍ଶ ସଂଗ୍ରହ କରି ଏହି ପତ୍ର ନିର୍ଗମନର ଏକ ମାସ ମଧ୍ୟରେ ଜଣାଇବେ। ଉକ୍ତ ସୂଚନାଗୁଡ଼ିକୁ ଏହି ବିଭାଗର ଇ-ମେଲ୍ ଠିକଣା : isbdi-rev.od@od.gov.in କିମ୍ବା revsec.od@od.gov.in ରେ ମଧ୍ୟ ପ୍ରେରଣ କରାଯାଇପାରିବ।

ଏହାକୁ **ଅତ୍ୟନ୍ତ ଜରୁରୀ** ଭାବେ ବିଚାର କରିବେ ।

**ସଂଲଗ୍ନ: ଉପରୋକ୍ତ ମତେ**

ଆପଣଙ୍କ ବିଶ୍ୱସ୍ତ,

ଅରବିନ୍ଦ ପାଢ଼ୀ

**ଅତିରିକ୍ତ ମୁଖ୍ୟ ଶାସନ ସଚିବ**

ଜ୍ଞାପକ ସଂଖ୍ୟା: 17291 / ରା. ଓ ବି.ପ., ତାରିଖ: 22 APR 2026

ଏହାର ଏକକିତା ନକଲ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅବଗତି ନିମନ୍ତେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

ଅତିରିକ୍ତ ସଚିବ, ଓଡ଼ିଶା ସରକାର

ଜ୍ଞାପକ ସଂଖ୍ୟା: 17292 / ରା. ଓ ବି.ପ., ତାରିଖ: 22 APR 2026

ଏହାର ଏକକିତା ନକଲ ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାଙ୍କ ଅବଗତି ନିମନ୍ତେ ମାନ୍ୟବର ମନ୍ତ୍ରୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନାଙ୍କ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

ଅତିରିକ୍ତ ସଚିବ, ଓଡ଼ିଶା ସରକାର

ଜ୍ଞାପକ ସଂଖ୍ୟା: 17293 / ରା. ଓ ବି.ପ., ତାରିଖ: 22 APR 2026

ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କ ଅବଗତି ନିମନ୍ତେ ତାଙ୍କର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଗଲା।

ଅତିରିକ୍ତ ସଚିବ, ଓଡ଼ିଶା ସରକାର

ଜ୍ଞାପକ ସଂଖ୍ୟା: 17294 / ରା. ଓ ବି.ପ., ତାରିଖ: 22 APR 2026

ଏହାର ଏକକିତା ନକଲ ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅବଗତି ନିମନ୍ତେ ତାଙ୍କର ବରିଷ୍ଠ ବ୍ୟକ୍ତିଗତ ସଚିବଙ୍କ ନିକଟକୁ ପ୍ରେରଣ କରାଗଲା।

ଅତିରିକ୍ତ ସଚିବ, ଓଡ଼ିଶା ସରକାର

**ପରିଶିଷ୍ଟ-'କ'**

| କ୍ର.ସଂ | ଜିଲ୍ଲା | ପ୍ରଶାସନିକ ଏକକ | ଓଡିଆ ନାମ | ବର୍ତ୍ତମାନର ଇଂରାଜୀ ବନାନ | କମିଟିର ସୁପାରିଶ ଅନୁଯାୟୀ ଇଂରାଜୀ ବନାନ |
|---|---|---|---|---|---|
| ୧ | ଅନୁଗୋଳ | ଜିଲ୍ଲା/ଜିଲ୍ଲା ମହକୁମା/ଉପଖଣ୍ଡ/ ତହସିଲ୍/ବ୍ଲକ୍ | ଅନୁଗୋଳ | Angul | **ANUGOLA** |
| | | ଉପଖଣ୍ଡ , ତହସିଲ୍/ବ୍ଲକ୍ | ପାଳଲହଡ଼ା | Pallahara | **PALALAHADA** |
| ୨ | ବଲାଙ୍ଗୀର | ଜିଲ୍ଲା/ଜିଲ୍ଲା ମହକୁମା/ଉପଖଣ୍ଡ/ ତହସିଲ୍/ବ୍ଲକ୍ | ବଲାଙ୍ଗୀର | Bolangir | **BALANGIR** |
| | | ତହସିଲ୍/ବ୍ଲକ୍ | ବଙ୍ଗୋମୁଣ୍ଡା | Bangamunda | **BANGOMUNDA** |
| ୩ | ବାଲେଶ୍ୱର | ଜିଲ୍ଲା/ଜିଲ୍ଲା ମହକୁମା/ଉପଖଣ୍ଡ | ବାଲେଶ୍ୱର | Balasore | **BALESHWAR** |
| | | ଉପଖଣ୍ଡ/ ତହସିଲ୍/ବ୍ଲକ୍ | ନୀଳଗିରି | Nilgiri | **NILAGIRI** |
| ୪ | ବରଗଡ | ଜିଲ୍ଲା/ଜିଲ୍ଲା ମହକୁମା/ଉପଖଣ୍ଡ / ତହସିଲ୍/ବ୍ଲକ୍ | ବରଗଡ଼ | Bargarh | **BARAGADA** |
| | | ବ୍ଲକ୍ | ରାଜବୋଡାସମ୍ବର | Rajborasambar | **RAJBODASAMBAR** |
| ୫ | ଭଦ୍ରକ | ତହସିଲ୍/ବ୍ଲକ୍ | ବନ୍ତ | Bonth | **BANTA** |
| ୬ | କଟକ | ଜିଲ୍ଲା/ଜିଲ୍ଲା ମହକୁମା/ଉପଖଣ୍ଡ /ବ୍ଲକ୍ / ତହସିଲ୍ | କଟକ | Cuttack | **KATAKA** |

| | | | | | |
|---|---|---|---|---|---|
| | | ଉପଖଣ୍ଡ / ତହସିଲ୍/ବ୍ଲକ୍ | ଆଠଗଡ଼ | Athagarh | **ATHAGADA** |
| | | ତହସିଲ୍/ବ୍ଲକ୍ | ସାଲେପୁର | Salipur | **SALEPUR** |
| | | ତହସିଲ୍/ବ୍ଲକ୍ | ବଡ଼ମ୍ବା | Baramba | **BADAMBA** |
| ୭ | ଦେବଗଡ଼ | ଜିଲ୍ଲା/ଜିଲ୍ଲା ମହକୁମା/ଉପଖଣ୍ଡ / ତହସିଲ୍ /ବ୍ଲକ୍ | ଦେବଗଡ଼ | Deogarh | **DEBAGADA** |
| | | ତହସିଲ୍, ବ୍ଲକ୍ | ରିଆମାଳ | Reamal | **RIAMAL** |
| ୮ | ଗଞ୍ଜାମ | ଉପଖଣ୍ଡ /ବ୍ଲକ୍ /ତହସିଲ୍ | ବ୍ରହ୍ମପୁର | Berhampur | **BRAHMAPUR** |
| | | ତହସିଲ୍/ବ୍ଲକ୍ | ହିଞ୍ଜିଳିକାଟୁ | Hinjilicut | **HINJILIKATU** |
| | | ତହସିଲ୍/ବ୍ଲକ୍ | ଆସିକା | Aska | **ASIKA** |
| | | ତହସିଲ୍/ବ୍ଲକ୍ | ସୋରଡା | Surada | **SORADA** |
| ୯ | ଯାଜପୁର | ତହସିଲ୍/ବ୍ଲକ୍ | ଦଶରଥପୁର | Dasarathpur | **DASHARATHPUR** |
| | | ତହସିଲ୍/ବ୍ଲକ୍ | ଧର୍ମଶାଳା | Dharmasala | **DHARMASHALA** |
| ୧୦ | ଝାରସୁଗୁଡ଼ା | ନଗର ପାଳିକା /ତହସିଲ୍ | ବେଲପାହାଡ଼ | Belpahar | **BELPAHAD** |
| ୧୧ | କଳାହାଣ୍ଡି | ଉପଖଣ୍ଡ /ତହସିଲ୍/ବ୍ଲକ୍ | ଧର୍ମଗଡ଼ | Dharamgarh | **DHARMAGADA** |
| | | ତହସିଲ୍/ବ୍ଲକ୍ | ଜୁନାଗଡ଼ | Junagarh | **JUNAGAD** |
| | | ବ୍ଲକ୍/ ତହସିଲ୍ | ଜୟପାଟଣା | Jaipatna | **JAYAPATANA** |
| | | ବ୍ଲକ୍/ ତହସିଲ୍ | ଲାଞ୍ଜିଗଡ଼ | Lanjigarh | **LANJIGADA** |
| | | ଉପଖଣ୍ଡ /ବ୍ଲକ୍ /ତହସିଲ୍ | ଭବାନୀପାଟଣା | Bhawanipatna | **BHABANIPATANA** |
| ୧୨ | କନ୍ଧମାଳ | ଜିଲ୍ଲା/ଜିଲ୍ଲା ମହକୁମା / ତହସିଲ୍ | କନ୍ଧମାଳ ଫୁଲବାଣୀ | Khondmal, Phulbani | **KANDHAMAL** |
| ୧୩ | କେନ୍ଦ୍ରାପଡା | ଜିଲ୍ଲା/ ଜିଲ୍ଲା ମହକୁମା / ଉପଖଣ୍ଡ / ତହସିଲ୍/ବ୍ଲକ୍ | କେନ୍ଦ୍ରାପଡା | Kendrapara | **KENDRAPADA** |
| | | ତହସିଲ୍/ବ୍ଲକ୍ | ଆଳି | Aul | **AALI** |

| | | | | | |
|---|---|---|---|---|---|
| | | ତହସିଲ୍/ବ୍ଲକ୍ | ମହାକାଳପଡା | Mahakalapara | **MAHAKALAPADA** |
| ୧୪ | କେନ୍ଦୁଝର | ଜିଲ୍ଲା/ ଜିଲ୍ଲା ମହକୁମା / ଉପଖଣ୍ଡ / ତହସିଲ୍/ବ୍ଲକ୍ | କେନ୍ଦୁଝର | Keonjhar | **KENDUJHAR** |
| | | ନଗର ପାଳିକା / ବ୍ଲକ/ତହସିଲ୍ | ବଡ଼ବିଲ | Barbil | **BADABIL** |
| | | ନଗର ପାଳିକା | କେନ୍ଦୁଝରଗଡ଼ | Keonjhargarh | **KENDUJHARGADA** |
| ୧୫ | ଖୋର୍ଦ୍ଧା | ଜିଲ୍ଲା/ ଜିଲ୍ଲା ମହକୁମା / ଉପଖଣ୍ଡ/ ତହସିଲ୍/ବ୍ଲକ୍ | ଖୋରଧା | Khurda | **KHORDHA** |
| | | ତହସିଲ୍/ବ୍ଲକ୍ | ବୋଲଗଡ଼ | Bolagarh | **BOLAGADA** |
| | | ତହସିଲ୍/ବ୍ଲକ୍ | ବାଣପୁର | Banpur | **BANAPUR** |
| | | ତହସିଲ୍/ବ୍ଲକ୍ | ଜଟଣୀ | Jatni | **JATANI** |
| ୧୬ | କୋରାପୁଟ | ଉପଖଣ୍ଡ/ତହସିଲ୍/ବ୍ଲକ୍ | ଜୟପୁର | Jeypore | **JAYAPUR** |
| ୧୭ | **ମାଲକାନଗିରି** | ବ୍ଲକ୍ | ପଡିଆ | Podia | **PADIA** |
| ୧୮ | ମୟୂରଭଞ୍ଜ | ତହସିଲ୍/ବ୍ଲକ୍ | ବେତନଟି | Betnoti | **BETANATI** |
| | | ତହସିଲ୍/ବ୍ଲକ୍ | ଶାମାଖୁଣ୍ଟା | Samakhunta | **SHAMAKHUNTA** |
| | | ତହସିଲ୍/ବ୍ଲକ୍ | ମୋରଡା | Moroda/Morada | **MORADA** |
| | | ତହସିଲ୍/ବ୍ଲକ୍ | ରାସଗୋବିନ୍ଦପୁର | Rasgovindpur | **RASAGOBINDAPUR** |
| | | ଉପଖଣ୍ଡ | ପାଞ୍ଚପୀଢ | Panchpir | **PANCHAPIDHA** |
| ୧୯ | ନୟାଗଡ଼ | ଜିଲ୍ଲା/ ଜିଲ୍ଲା ମହକୁମା / ଉପଖଣ୍ଡ/ ତହସିଲ୍/ବ୍ଲକ୍ | ନୟାଗଡ଼ | Nayagarh | **NAYAGADA** |

| | | | | | |
|---|---|---|---|---|---|
| | | ତହସିଲ୍/ବ୍ଲକ୍ | ଦଶପଲ୍ଲା | Daspalla | **DASHAPALLA** |
| ୨୦ | ନୂଆପଡ଼ା | ତହସିଲ୍/ବ୍ଲକ୍ | ଖଡ଼ିଆଳ | Khariar | **KHADIAL** |
| ୨୧ | ସମ୍ବଲପୁର | ଉପଖଣ୍ଡ / ତହସିଲ୍/ବ୍ଲକ୍ | ରେଢାଖୋଲ | Rairakhol | **REDHAKHOL** |
| ୨୨ | ସୁବର୍ଣ୍ଣପୁର | ଜିଲ୍ଲା/ ଜିଲ୍ଲା ମହକୁମା / ଉପଖଣ୍ଡ/ ତହସିଲ୍/ବ୍ଲକ୍ | ସୋନପୁର | Sonepur | **SONPUR** |
| | | ବ୍ଲକ୍/ ତହସିଲ୍ | ବିନିକା | Binka | **BINIKA** |
| ୨୩ | ସୁନ୍ଦରଗଡ଼ | ଜିଲ୍ଲା/ ଜିଲ୍ଲା ମହକୁମା / ଉପଖଣ୍ଡ/ ତହସିଲ୍/ବ୍ଲକ୍ | ସୁନ୍ଦରଗଡ଼ | Sundargarh | **SUNDARAGADA** |
| | | ଉପଖଣ୍ଡ / ତହସିଲ୍/ବ୍ଲକ୍ | ବଣାଇଗଡ଼ | Bonaigarh | **BONAIGADA** |
| | | ତହସିଲ୍/ବ୍ଲକ୍ | କୋଇଡ଼ା | Koira | **KOIDA** |
| | | ତହସିଲ୍/ବ୍ଲକ୍ | ଲେଫ୍ରିପଡ଼ା | Lephripara | **LEPHRIPADA** |
| | | ତହସିଲ୍/ବ୍ଲକ୍ | ସବଡେଗା | Subdega | **SABDEGA** |
| | | ତହସିଲ୍/ବ୍ଲକ୍ | ବଡଗାଁ | Bargaon | **BADAGAN** |
| | | ତହସିଲ୍/ବ୍ଲକ୍ | ଲହୁଣିପଡ଼ା | Lahunipara | **LAHUNIPADA** |